**ODISSA BHASKAR, DATED 22/08/2009**

## ସମ୍ପାଦକଙ୍କୁ ପତ୍ର

# ପ୍ରକୃତ ବିପିଏଲ୍ କିଏ ?

ମହାଶୟ,

ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଶସ୍ତା ଦରର ଚାଉଳ, ଗହମ ଓ ଅନ୍ୟାନ କଣ୍ଟ୍ରୋଲ ସାମଗ୍ରୀ ପାଇବା ନିମନ୍ତେ ବିପିଏଲ୍ କାର୍ଡ ବରଦାନ ସଦୃଶ। ତେବେ ପ୍ରକୃତରେ କେଉଁମାନେ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି ? ସ୍ୱତଃ ପ୍ରଶ୍ନ ଉଠେ, ଯେଉଁମାନଙ୍କ ନାମ ବିପିଏଲ୍ ତାଲିକା ଭୁକ୍ତ ସେମାନେ କ'ଣ ସତରେ ଦାରିଦ୍ର୍ୟ ? ଯଦି ଉତ୍ତର ଆସେ ନାଁ, ତେବେ ଧନୀ ଲୋକେ ବିଲୋ ପଭର୍ଟି ଲାଇନ ଅର୍ଥାତ୍ ଦାରିଦ୍ର୍ୟତାର ଫାଇଲ ଭିତରେ ମୁଣ୍ଡ ଗୁଞ୍ଜିବାକୁ ଏତେ ଆଗ୍ରହୀ କାହିଁକି ? ଆର୍ଥିକ ସ୍ୱଚ୍ଛଳ ସତ୍ତ୍ୱେ ସରକାରୀ ଅର୍ଥ ବା ସୁବିଧା ସୁଯୋଗ. ମାରି ନେବା ପାଇଁ ଏହା କ'ଣ ଏକ ଫନ୍ଦି ଫିକର ନା ବିନା ପୁଞ୍ଜିରେ ଏହା ଏକ ଲଭ ଦାୟକ ଫସଲ। ସରକାର ଘର ମାଲ ଲୁଟ କରିବା ଚାଲ ଲକ୍ଷ୍ୟରେ ନିଜକୁ ଦରିଦ୍ର ଖାତାରେ ନାଁ ଲେଖେଇବା କେତେ ଯେ ଲଜ୍ଜାକର ଓ ନିମ୍ନ ମାନସିକତାର କାର୍ଯ୍ୟ। ଏବଂ କେତେ ଜନହିତୈଷି ଚିନ୍ତାଧାରା ତାହା ହେଜିବା ଦରକାର। ତେବେ ବିପିଏଲ୍ ତାଲିକାରେ ସ୍ୱଚ୍ଛତା ଆଣିବା ପାଇଁ ରାଜ୍ୟର ପ୍ରକୃତ ଗରିବ ଲୋକ ସରକାରଙ୍କ ସୁବିଧା ସୁଯୋଗ ପାଇବା ନିମନ୍ତେ ରାଜ୍ୟ ମନ୍ତ୍ରୀମଣ୍ଡଳ ନେଇଥିବା ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହା ଖୁବ୍ ସ୍ୱାଗତଯୋଗ୍ୟ ଓ ବିପନ୍ନ ବିପିଏଲ୍ ତାଲିକାର କାର୍ଯ୍ୟଧାରା ପ୍ରତି ଦୃଷ୍ଟାନ୍ତମୂଳକ ଓ ସମୟୋଚିତ ହୋଇଛି। ସ୍ୱଚ୍ଛଳ ତଥା ଧନୀ ବ୍ୟକ୍ତିମାନେ ବିପିଏଲ୍ ମୈଦାନକୁ ପଶିଆସି ସରକାରଙ୍କ ସୁବିଧା ସୁଯୋଗକୁ ନିଜ ଅକ୍ତିଆରକୁ ନେଇ ଗରିବଙ୍କ ହକ୍କୁ ଲୁଟ୍ କରିବାରେ ବେଶ୍ ସିଦ୍ଧହସ୍ତ। ତେବେ ବିପିଏଲ୍ କାର୍ଯ୍ୟ ପ୍ରକ୍ରିୟାରେ ସ୍ୱଚ୍ଛତା, ନିରପେକ୍ଷତା ଆଣିବା ସହ ପ୍ରକୃତ ଦାରିଦ୍ର୍ୟ ଲୋକଙ୍କୁ ଚିହ୍ନଟ କରିବା ପାଇଁ ରାଜ୍ୟ ମନ୍ତ୍ରୀମଣ୍ଡଳର ଉଦ୍ୟମକୁ ଅନେକ ସାଧୁବାଦ ଓ ଅଜସ୍ର ସଲାମ୍।

କୁମାର ଗଙ୍ଗାଧର
ଭଦ୍ରକ

ସମ୍ପାଦକଙ୍କୁ ପତ୍ର
ଓଡ଼ିଶା ଭାସ୍କର
ଡି-୨/୧୮, ସେକ୍ଟର-ଏ,
ଜୋନ୍-ଡି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦
e-mail:odishabhaskar@sify.com